# NATIONAL NEWS BULLETIN (ODIA)

**30 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାରର ମୁଜାଫରପୁରଠାରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

- ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଦେଲେ ଗୁରୁତ୍ୱ ।

- ଗୁଜୁରାଟରେ ଆଜି ୧ହଜାର ୧୪୦କୋଟି ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।

- ଏକ୍ ଭାରତ ଶ୍ରେଷ୍ଠ ଭାରତର ଲକ୍ଷ୍ୟ ନେଇ ଆସନ୍ତାକାଲି କୋଭାଡିଆରେ ଏକତା ପରେଡ୍‌ର ଆୟୋଜନ ।

- ବୁଶାନଠାରେ ଆମେରିକା ରାଷ୍ଟ୍ରପତି ଏବଂ ଚୀନ୍ ରାଷ୍ଟ୍ରପତିଙ୍କ ମଧ୍ୟରେ ସାକ୍ଷାତ୍ ଆଲୋଚନା ।

ଏବଂ

- ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ୍‌ର ଦ୍ୱିତୀୟ ସେମିଫାଇନାଲ୍‌ରେ ଆଜି ଭାରତ ଅଷ୍ଟ୍ରେଲିଆ ମଧ୍ୟରେ ହେବ ମୁକାବିଲା ।

## ବିହାର ଇଲେକ୍ସନ କ୍ୟାମ୍ପେନ

ବିହାର ବିଧାନସଭାର ପ୍ରଥମପର୍ଯ୍ୟାୟ ଭୋଟ୍‌ଗ୍ରହଣ ପାଖେଇ ଆସୁଥିବାରୁ ନିର୍ବାଚନ ପ୍ରଚାର ଜୋର୍‌ସୋର୍‌ରେ ଚାଲିଛି । ସମସ୍ତ

ରାଜନୈତିକ ଦଳଗୁଡ଼ିକ ଭୋଟରମାନଙ୍କୁ ନିଜଆଡକୁ ଆକୃଷ୍ଟ କରିବା ଲାଗି ଉଦ୍ୟମ ଚଳାଇଛନ୍ତି । ବିହାରର ମୁଜାଫରପୁରଠାରେ ଏକ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେଇ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିହାର ବାସୀଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜଳସେଚନ କ୍ଷେତ୍ରରେ ସମସ୍ତ ପ୍ରକାର ସୁବିଧାସୁଯୋଗ ସୁନିଶ୍ଚିତ କରିବା ଲାଗି ଏନ୍‌ଡିଏ ପ୍ରତିଶ୍ରୁତିବଦ୍ଧ । ବିହାରରରୁ ଦେଶାନ୍ତରଣ ପ୍ରକ୍ରିୟା ବନ୍ଦ କରିବା ଲାଗି ସରକାର ପଦକ୍ଷେପ ନେବେ ବୋଲି ସେ କହିଛନ୍ତି । ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## V/O (PM-VIKSIT-BIHAR)

ବିହାର୍‌ରେ ବିରୋଧୀ ଆର୍‌ଜେଡି ଏବଂ କଂଗ୍ରେସ ଦଳ ତାଙ୍କ ଶାସନକାଳ ମଧ୍ୟରେ ଅରାଜକତା ସୃଷ୍ଟି କରିଥିବା ମୋଦୀ ଅଭିଯୋଗ କରିଛନ୍ତି । ସେହି ସମୟକାଳରେ ରାଜ୍ୟରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରି ନଥିବାବେଳେ ଦୁର୍ନୀତି ବୃଦ୍ଧି ପାଇଥିବା ସେ କହିଛନ୍ତି । ଛଟ୍ ପର୍ବ ସମ୍ପର୍କରେ ଆର୍‌ଜେଡି ଏବଂ କଂଗ୍ରେସ ଦେଇଥିବା ପ୍ରତିକୂଳ ମନ୍ତବ୍ୟକୁ ଶ୍ରୀ ମୋଦୀ ସମାଲୋଚନା କରିଛନ୍ତି । ବିହାରବାସୀ ଏହି ଅପମାନକୁ ସହ୍ୟ କରିପାରିବେ ନାହିଁ ବୋଲି ସେ କହିଛନ୍ତି ।

ଅପରପକ୍ଷେ ମହାଗଠବନ୍ଧନ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ବିହାରରେ ଭୋଟ୍ ନେବାଲାଗି ରାଜନୈତିକ ଦଳଗୁଡ଼ିକ ଲୋକମାନଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି । ସେ ବିହାରବାସୀଙ୍କୁ

ଏକତ୍ରିତ ହୋଇ ପୁଣିଥରେ ଶାସନ କ୍ଷମତାକୁ ତାଙ୍କ ଦଳକୁ ଆସିବା ନିମନ୍ତେ ସୁଯୋଗ ଦେବାଲାଗି କହିଛନ୍ତି ।

# ପିଏମ୍-ଭିଜିଟ୍ ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ଗୁଜରାଟ ଗସ୍ତରେ ଯିବେ । କେବାଡ଼ିଆର ଏକତାନଗରଠାରେ ସେ ୧ ହଜାର ୧୪୦ କୋଟିରୁ ଅଧିକ ଟଙ୍କାର ଭିତ୍ତିଭୂମି ତଥା ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଉଦ୍‌ଘାଟନ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ରାଜପିପିଲାଠାରେ ବିର୍ଶାମୁଣ୍ଡା ଆଦିବାସୀ ବିଶ୍ୱବିଦ୍ୟାଳୟ, ବାମନ ବୃକ୍ଷ ବାଟିକା, ଇ-ବସ୍ ଚାର୍ଜିଙ୍ଗ୍ ଡିପୋ ଏବଂ ୨୫ଟି ଇଲେକ୍‌ଟ୍ରିକ୍ ବସ୍ ରହିଛି । ଶ୍ରୀ ମୋଦୀ ରୟାଲ୍ କିଙ୍ଗ୍‌ଡମ୍ ଅଫ୍ ଇଣ୍ଡିଆ ମ୍ୟୁଜିୟମ୍, କ୍ରୀଡ଼ା କଂପ୍ଲେକ୍ସ, ଜେଟି ବିକାଶ ଏବଂ ଷ୍ଟାଚ୍ୟୁ ଅଫ୍ ୟୁନିଟ୍ ନିକଟରେ ଟ୍ରାଭଲେଟର ଆଦିର ଶିଳାନ୍ୟାସ କରିବେ ।

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାସୁମନ ଅର୍ପଣ କରିବେ । ଏକତା ଦିବସ ଶପଥପାଠ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଯୋଗଦେବା ସହ ଏକତା ଦିବସ ପରେଡ୍‌ରେ ଭାଗ ନେବେ । ଚଳିତବର୍ଷ ସୀମାସୁରକ୍ଷା ବଳ ମାର୍ଚ୍ଚିଙ୍ଗ କଣ୍ଟିଜେଣ୍ଟ୍‌ରେ ଭାରତୀୟ ମୂଳ ରାମପୁର ହାଉଣ୍ଡ୍‌ସ ଏବଂ ମୁଧୋଲ ହାଉଣ୍ଡ୍‌ସ କୁକୁର ସାମିଲ ହେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆରମ୍ଭ

୭.୦ର ଶୁଭାରମ୍ଭ କରି ଶହେତମ ଫାଉଣ୍ଡେସନ କୋର୍ସର ପ୍ରଶିକ୍ଷାର୍ଥୀଙ୍କ ସହ ବାର୍ତ୍ତାଳାପ କରିବେ ।

## ରାଜନାଥ-ମାଲେସିଆ ଭିଜିଟ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସିଆନ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ମିଟିଙ୍ଗ ପ୍ଲସ **(ADMN-Plus)** ସମ୍ମିଳନୀରେ ଯୋଗଦେବାଲାଗି ଆଜିଠାରୁ ମାଲେସିଆକୁ ଦୁଇଦିନିଆ ଗସ୍ତ କରୁଛନ୍ତି । ଏହି ସମ୍ମିଳନୀ ଆସନ୍ତାକାଲି ଅନୁଷ୍ଠିତ ହେବ । ସାମାଜକି ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସିଂହ କହିଛନ୍ତି ଆସିଆନ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗକୁ ଦୃଢ଼ୀଭୂତ କରିବା ଲାଗି ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି । ସେହିପରି ଭାରତ ଏବଂ ଆକ୍ଟ-ଇଷ୍ଟ ପଲିସିକୁ ଗତିଶୀଳ କରିବା ଲାଗି ମଧ୍ୟ ଲକ୍ଷ୍ୟ ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଏହି ଗସ୍ତ କାଳରେ ମାଲେସିଆର ବରିଷ୍ଠ ନେତୃବୃନ୍ଦ ଏବଂ **(ADMN-Plus)** ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତାମାନଙ୍କ ସହ ମନ୍ତ୍ରୀ ଶ୍ରୀ ସିଂହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଡେ ଫାଇନାଲ ଶାହା ୟୁନିଟି

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଜାତୀୟ ଏକତା ଦିବସ ଅବସରରେ ଏକ୍ ଭାରତ ଶ୍ରେଷ୍ଠ ଭାରତ ପ୍ରତିଫଳିତ କରିବା ଲାଗି

ହେଉଥିବା ଏକତା ପରେଡ୍‌କୁ ଗୁଜୁରାଟର କେଭାଡିଆଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉଦ୍‌ଘାଟନ କରିବେ । ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖରେ ଏକତା ନଗରଠାରେ ଏହି ପରେଡ୍‌ର ଆୟୋଜନ କରାଯାଇଥାଏ ବୋଲି ସେ କହିଛନ୍ତି । ପାଟନାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶାହା କହିଛନ୍ତି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖରେ ପାଳନ କରାଯାଇଥାଏ । ଏହି ଅବସରରେ ଆୟୋଜନ କରାଯାଉଥିବା ପରେଡ ସ୍ୱତନ୍ତ୍ର । ପ୍ରତିବର୍ଷ ନୂଆଦିଲ୍ଲୀଠାରେ ହେଉଥିବା ଗଣତନ୍ତ୍ର ଦିବସ ପରେଡ୍ ଭଳି ଏକତା ପରେଡ୍ କରାଯିବ ବୋଲି ସେ କହିଛନ୍ତି । ଶ୍ରୀ ଶାହା କହିଛନ୍ତି ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ, ରାଜ୍ୟ ପୋଲିସ ବାହିନୀ ଏବଂ ଦେଶର ବିଭିନ୍ନ ପ୍ରାନ୍ତରରୁ ଆସିଥିବା କଳାକାରମାନେ ଅଂଶଗ୍ରହଣ କରିବେ । ଏହି ପରେଡ ପୋଲିସ ବାହିନୀର ବୀର ଜବାନମାନଙ୍କ ଅଦମ୍ୟ ସାହସ ଏବଂ ତ୍ୟାଗକୁ ସ୍ମରଣ ପୂର୍ବକ ଆୟୋଜନ କରାଯାଉଥିବା ସେ କହିଛନ୍ତି । ଦେଶର ପ୍ରତ୍ୟେକ ରାଜ୍ୟ, ଜିଲ୍ଲା, ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଠାରେ ପ୍ରତ୍ୟେକ ନାଗରିକଙ୍କୁ ଏକତା ଦିଗରେ ପ୍ରୋତ୍ସାହନ କରିବା ଲାଗି ଚଳିତବର୍ଷ ଏକତା ଦୌଡ଼ର ଆୟୋଜନ କରାଯାଇଛି ବୋଲି ଶ୍ରୀ ଶାହା କହିଛନ୍ତି ।

**V/O** (Saha-Run for Unity)

ଆସନ୍ତା ନଭେମ୍ବର ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଭାରତପର୍ବ ଏକତା ନଗରଠାରେ

ଆୟୋଜନ କରାଯିବ ବୋଲି ଶ୍ରୀ ଶାହା ଘୋଷଣା କରିଛନ୍ତି । ଭାରତ ପର୍ବର ଉଦ୍‌ଯାପନୀ ଦିବସରେ ଜନଜାତୀୟ ଗୌରବ ଦିବସ ପାଳନ କରାଯିବ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଦିବାସୀ ସଂସ୍କୃତି, ଲୋକକଳା ପ୍ରଦର୍ଶନ କରାଯିବ ।

## ମନସୁଖ ମାଣ୍ଡବୀୟ-ମେରିଟାଇମ୍ ୱିକ୍

କେନ୍ଦ୍ର ଯୁବବ୍ୟାପାର ତଥା କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ କହିଛନ୍ତି ଭାରତ ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ କ୍ଷମତା କ୍ଷେତ୍ରରେ ପୁଣିଥରେ ସମଗ୍ର ବିଶ୍ୱରେ ଅଗ୍ରଣୀ ରାଷ୍ଟ୍ର ହେବ । ଭାରତ ସାମୁଦ୍ରିକ ସପ୍ତାହ-୨୦୨୫ର ଆଜି 'ସାମୁଦ୍ରିକ ମାନବ ସମ୍ବଳ' ଶୀର୍ଷକ ଅଧିବେସନରେ ଉଦ୍‌ବୋଧନ ଦେଇ  ସେ କହିଛନ୍ତି ଭାସ୍କୋଡାଗାମା ଭାରତକୁ ଆସିବା ପୂର୍ବରୁ ଭାରତୀୟ ବ୍ୟବସାୟୀମାନେ ସମଗ୍ର ବିଶ୍ୱରେ ସେମାନଙ୍କର ବ୍ୟବସାୟ କ୍ଷେତ୍ରକୁ ବ୍ୟାପକ କରିପାରିଛୁ । ସାମୁଦ୍ରିକ ଅମୃତକାଳ -୨୦୪୭ ଲକ୍ଷ୍ୟକୁ ପ୍ରତିପାଦନ କରିବା ଲାଗି ଭାରତ ପୁରାତନ ସାମୁଦ୍ରିକ ଜ୍ଞାନ ଆହରଣ କରିବର ନିଶ୍ଚିତ ଆବଶ୍ୟକତା ରହିଛି ବୋଲି ଶ୍ରୀ ମାଣ୍ଡବୀୟ ଗୁରୁତ୍ୱପ୍ରଦାନ କରିଛନ୍ତି । ଭାରତର ସାମୁଦ୍ରିକ ସମୃଦ୍ଧ ଐତିହ୍ୟକୁ ପାଳନ ଏବଂ ତ୍ୱରାନ୍ୱିତ କରିବା ଲକ୍ଷ୍ୟନେଇ ଲୋଥାଲଠାରେ ଏକ ସାମୁଦ୍ରିକ କମ୍ପ୍ଲେକ୍ସ ସ୍ଥାପନ କରାଯିବ ବୋଲି ସେ

ସୂଚନା ଦେଇଛନ୍ତି । ଅଧିବେଶନରେ ଜାହାଜ ଚଳାଚଳର ମହାନିର୍ଦ୍ଦେଶକ କହିଛନ୍ତି ଗତ ଦଶନ୍ଧି ମଧ୍ୟରେ ଭାରତର ସାମୁଦ୍ରିକ ଜାହାଜରେ ବ୍ୟବସାୟୀଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇପାରିଛି । ଭାତରର ସାମୁଦ୍ରିକ ଭିଜନ-୨୦୩୦ରେ ବିଶ୍ୱ ସାମୁଦ୍ରିକ ଶକ୍ତିକୁ ୨୦ ପ୍ରତିଶତରୁ ଊର୍ଦ୍ଧ୍ୱକୁ ବୃଦ୍ଧି କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସେ ସୂଚନା ଦେଇଛନ୍ତି ।

## ଶାହା ଦୟାନନ୍ଦ ଟ୍ରିବ୍ୟୁଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ସାଧାରଣ ଲୋକଙ୍କୁ ସରଳ ଭାଷାରେ ବେଦ ସମ୍ପର୍କରେ ଜ୍ଞାନ ବିତରଣ ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ମହିଳାମାନଙ୍କୁ ଶିକ୍ଷା, ସମାନତା ଏବଂ ସ୍ୱାଭିମାନର ସହ ବଞ୍ଚିବା ଲାଗି କ୍ଷମତା ପ୍ରଦାନ ଦିଗରେ ମହର୍ଷି ଦୟାନନ୍ଦ ନେତୃତ୍ୱ ନେଇଥିଲେ ବୋଲି ଶ୍ରୀ ଶାହା କହିଛନ୍ତି । ସେହିପରି ବାଲ୍ୟବିବାହ, ସତୀଦାହ ପ୍ରଥା ଆଦି ସାମାଜିକ କୁ-ସଂସ୍କାର ବିରୋଧରେ ସମାଜରେ ସ୍ୱର ଉତ୍ତୋଳନ କରିବା ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ବୋଲି ସେ କହିଛନ୍ତି ।

# କ୍ରିକେଟ୍

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ୍‌ର ଆଜି ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ନଭୀମୁମ୍ବାଇସ୍ଥିତ ଡକ୍ଟର ଡି.ଓ୍ୱାଇ ପାଟିଲ୍ ସ୍ପୋର୍ଟସ୍ ଏକାଡେମୀରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଖେଳାଯିବ । ଅପରାହ୍ଣ ୨ଟା ୩୦ ମିନିଟ୍‌ରୁ ଆକାଶବାଣୀରେ ଏହି ମ୍ୟାଚ୍‌ର ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ପ୍ରସାରଣ କରାଯିବ । ପୂର୍ବରୁ ଦକ୍ଷିଣ ଆଫ୍ରିକା ଫାଇନାଲ୍‌କୁ ଉନ୍ନୀତ ହୋଇସାରିଛି ।

ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ୧୨୫ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଥିଲା ।